# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

**24 July - 2024**

**News Editor : *Itishree Singh Rathaur***

**********************************

# ରେଳ ବଜେଟ୍

୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ରେଳବଜେଟ ଲାଗି ୨ଲକ୍ଷ ୬୨ ହଜାର କୋଟି ଟଙ୍କା ପ୍ରଦାନ କରାଯାଇଛି । ଏଥିମଧ୍ୟରୁ ୧ଲକ୍ଷ ୮ ହଜାର କୋଟି ଟଙ୍କା ସୁରକ୍ଷା ପାଇଁ ଖର୍ଚ୍ଚ ହେବ । ଓଡିଶାରେ ରେଳବାଇର ନୂଆ ପ୍ରକଳ୍ପ ନିମନ୍ତେ ୫୨ହଜାର କୋଟି ଟଙ୍କା ନିବେଶ କରାଯିବ । ଏହା ମାଧ୍ୟମରେ ରାଜ୍ୟରେ ନୂଆ ରେଳଟ୍ରାକ ବିଛାଯିବା ସହ ନିରାପତ୍ତା ବ୍ୟବସ୍ଥାରେ ଉନ୍ନତି ଅଣାଯିବ ବୋଲି ଜଣାପଡିଛି । ପୁରୁଣା ଟ୍ରାକ ସ୍ଥାନରେ ନୂତନ ଟ୍ରାକ ସ୍ଥାପନ, ନୂତନ ଟେକ୍ନୋଲୋଜି ସହ ସିଗନାଲ ସିଷ୍ଟମର ବ୍ୟବସ୍ଥା, ଫ୍ଲାଏ ଓଭର ଅଣ୍ଡରପାସ ନିର୍ମାଣ ପାଇଁ ଅର୍ଥ ଖର୍ଚ୍ଚ ହେବ । ବଜେଟ୍‌ରେ ତିନୋଟି ଇକୋନୋମିକ ରେଲୱେ କରିଡର କାର୍ଯ୍ୟକ୍ଷମ ପାଇଁ ନିଷ୍ପତ୍ତି ନିଆଯାଇଛି । ଏନର୍ଜୀ, ମିନେରାଲ ଓ ସିମେଣ୍ଟ କରିଡର ଅଧୀନରେ ୧୯୨ଟି ପ୍ରକଳ୍ପ, ପୋର୍ଟ ସଂଯୋଗୀକରଣ ଅଧୀନରେ ୪୨ଟି ପ୍ରକଳ୍ପ ଓ ହାଇ ଟ୍ରାଫିକ ଡେନସିଟ୍ କରିଡର ଅଧୀନରେ ୨ଶହଟି ପ୍ରକଳ୍ପ ରହିଛି । ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି, ଗତ ଆର୍ଥିକ ବର୍ଷରେ

ପ୍ରାୟ ୭ଶହ କୋଟି ଲୋକ ରେଳପଥରେ ଯାତ୍ରା କରିଛନ୍ତି । କିଛି ଦିନ ପୂର୍ବରୁ କବଚ ସିଷ୍ଟମ ୪.୦ ଲାଗୁ ହୋଇଛି । ଏହାକୁ ଟ୍ରେନରେ ସ୍ଥାପନ କରିବାର ପ୍ରକ୍ରିୟା ଖୁବ୍ ଶୀଘ୍ର ଆରମ୍ଭ ହେବ ।

## ମୁଖ୍ୟମନ୍ତ୍ରୀଙ୍କ ଦିଲ୍ଲୀ ଗସ୍ତ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଆସନ୍ତା ୨୭ତାରିଖ ଶନିବାର ନୂଆଦିଲ୍ଲୀରେ ନୀତି ଆୟୋଗର ସାଧାରଣ ପରିଷଦ ବୈଠକରେ ଯୋଗଦେବେ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ହେବାକୁ ଥିବା ଏହି ବୈଠକରେ ମୁଖ୍ୟମନ୍ତ୍ରୀ ରାଜ୍ୟର ବିଭିନ୍ନ ସମସ୍ୟା ସମ୍ପର୍କରେ ଦୃଷ୍ଟି ଆକର୍ଷଣ କରିବେ ବୋଲି ଜଣାପଡିଛି । ସୂଚନା ଅନୁଯାୟୀ ମୁଖ୍ୟମନ୍ତ୍ରୀ ଆସନ୍ତା ଶୁକ୍ରବାର ଦିଲ୍ଲୀ ଗସ୍ତରେ ଯିବେ । ଏହି ଗସ୍ତ ଅବସରରେ ସେ କେତେଜଣ କେନ୍ଦ୍ରମନ୍ତ୍ରୀଙ୍କୁ ମଧ୍ୟ ଭେଟିବାର କାର୍ଯ୍ୟକ୍ରମ ରହିଛି ।

## ନିଟ୍-ୟୁଜି ମାମଲା

ନିଟ୍ ୟୁଜି ପ୍ରବେଶିକା ପରୀକ୍ଷା ଉପରେ ସୁପ୍ରିମକୋର୍ଟଙ୍କ ନିଷ୍ପତ୍ତି  କଠିନ ପରିଶ୍ରମୀ ଛାତ୍ରଛାତ୍ରୀଙ୍କୁ ଆଶ୍ୱସ୍ତି ପ୍ରଦାନ କରିଛି ବୋଲି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି । ସେ କହିଛନ୍ତି, ଦେଶର ଛାତ୍ରଛାତ୍ରୀମାନଙ୍କ ପାଇଁ ଅନୁଷ୍ଠିତ ହେଉଥିବା ପରୀକ୍ଷାକୁ ତ୍ରୁଟି ଶୂନ୍ୟ କରିବା ଉପରେ ଗୁରୁତ୍ୱ ଦିଆଯାଇଛି । ନିଟ୍ ପରୀକ୍ଷା ପରିଚାଳନା କରୁଥିବା ଜାତୀୟ ପରୀକ୍ଷଣ ସଂସ୍ଥା-ଏନଟିଏକୁ ସ୍ୱଚ୍ଛ ଓ ନିରପେକ୍ଷ କରିବା ପାଇଁ ପୂର୍ବରୁ ମନ୍ତ୍ରଣାଳୟ ପକ୍ଷରୁ ଏକ ଉଚ୍ଚସ୍ତରୀୟ ବିଶେଷଜ୍ଞ କମିଟି ଗଠନ କରାଯାଇଛି । ସିବିଆଇ

ମଧ୍ୟ ମାମଲାର ତଦନ୍ତ ଜାରି ରଖିଛି ବୋଲି ଶ୍ରୀ ପ୍ରଧାନ କହିଛନ୍ତି । ସେ କହିଛନ୍ତି, ସରକାର ଘଟଣାର ମୂଳସ୍ତରକୁ ଯାଇ ଦୋଷୀଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ । ସୂଚନା ଅନୁସାରେ ଗତକାଲି ନିଟ୍ ୟୁଜି ପ୍ରବେଶିକା ପରୀକ୍ଷା-୨୦୨୪ରେ ଅନିୟମିତତା ମାମଲାର ଶୁଣାଣି କରି ସୁପ୍ରିମକୋର୍ଟ ପୁନଃ ପରୀକ୍ଷା ପାଇଁ ହୋଇଥିବା ଆବେଦନକୁ ଖାରଜ କରିଥିଲେ।

## ଟାସ୍କଫୋର୍ସ ଗଠନ

ଉତ୍ତର ଓଡିଶା ବିକାଶ ପରିଷଦ ଗଠନ ପାଇଁ ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝି ଏକ ଟାସ୍କଫୋର୍ସ ଗଠନ କରିଛନ୍ତି । ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡକ୍ଟର କୃଷ୍ଣଚନ୍ଦ୍ର ମହାପାତ୍ର ଏହି ଟାସ୍କଫୋର୍ସ ଅଧ୍ୟକ୍ଷ ନିଯୁକ୍ତ ହୋଇଛନ୍ତି । ତାଙ୍କ ବ୍ୟତୀତ ଏହି ଟାସ୍କଫୋର୍ସରେ ମନ୍ତ୍ରୀ, ସାଂସଦ ଓ ବିଧାୟକଙ୍କୁ ନେଇ ଆଉ ୮ଜଣ ସଦସ୍ୟ ଅଛନ୍ତି ।

## ମୁଖ୍ୟ ନିର୍ବାଚନ ଅଧିକାରୀ

ରାଜ୍ୟର ନୂତନ ମୁଖ୍ୟ ନିର୍ବାଚନ ଅଧିକାରୀ ଭାବେ ୨୦୦୧ ବ୍ୟାଚ୍‌ରେ ଆଇଏଏସ୍ ଅଧିକାରୀ ଆର୍.ସନ୍ତନ ଗୋପାଳନ୍‌ଙ୍କୁ ନିଯୁକ୍ତି ମିଳିଛି। ଏ ନେଇ ଭାରତୀୟ ନିର୍ବାଚନ କମିଶନଙ୍କ କାର୍ଯ୍ୟାଳୟ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି।

## ଲ୍ୟାପଟପ୍ ମେଧାବୃତ୍ତି

ଲ୍ୟାପଟପ୍ ଡିବିଟି ମେଧାବୃତ୍ତି ପାଇଁ ଛାତ୍ରଛାତ୍ରୀମାନେ ପୁଣି ଆବେଦନ କରିପାରିବେ । ଏହି ଯୋଜନାରେ ଆବେଦନ କରି ନ ଥିବା ଛାତ୍ରଛାତ୍ରୀମାନେ ଆସନ୍ତାକାଲିଠାରୁ ଅଗଷ୍ଟ ୨୩ତାରିଖ ଯାଏ ଆବେଦନ କରିପାରିବେ । ଏଥିପାଇଁ ରାଜ୍ୟ ସ୍କଲାରସିପ୍ ପୋର୍ଟାଲ ଖୋଲିବ । ୨୦୨୩-୨୪ଶିକ୍ଷା ବର୍ଷ ପାଇଁ ଲ୍ୟାପଟପ ପାଇବାକୁ ଯୋଗ୍ୟ ବିବେଚିତ ଓ ଆବେଦନ କରି ନ ଥିବା ଛାତ୍ରଛାତ୍ରୀଙ୍କ ତାଲିକା ରାଜ୍ୟ ସ୍କଲାରସିପ୍ ପୋର୍ଟାଲରେ ଅପ୍‌ଲୋଡ କରାଯାଇଛି । ସୂଚନାଯୋଗ୍ୟ ଯୋଗ୍ୟ ଛାତ୍ରଛାତ୍ରୀମାନଙ୍କୁ ୩୦ହଜାର ଟଙ୍କା ଆର୍ଥିକ ସହାୟତା ଯୋଗାଇ ଦିଆଯିବ । ।

# କ୍ଷେପଣାସ୍ତ୍ର ପରୀକ୍ଷା

ବାଲେଶ୍ୱର ଜିଲ୍ଲା ଚାନ୍ଦିପୁର ସ୍ଥିତ ସମନ୍ୱିତ କ୍ଷେପଣାସ୍ତ୍ର ପରୀକ୍ଷା କେନ୍ଦ୍ର ଅଧୀନସ୍ଥ ଲଞ୍ଚ କମ୍ପ୍ଲେକ୍‌-୩ରୁ ଆଜି ଏକ ଅତ୍ୟାଧୁନିକ କ୍ଷେପଣାସ୍ତ୍ରର ପରୀକ୍ଷା କରାଯିବ । ପ୍ରତିରକ୍ଷା ବିଭାଗର ପରାମର୍ଶ କ୍ରମେ ଏଥିପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ କ୍ଷେପଣାସ୍ତ୍ର ପରୀକ୍ଷା କେନ୍ଦ୍ରର ସାଢେ ୩କିଲୋମିଟର ବ୍ୟାସାର୍ଦ୍ଧ ଅଞ୍ଚଳର ସମୁଦ୍ରକୂଳବର୍ତ୍ତୀ ୧୦ଟି ଗ୍ରାମର ୧୦ହଜାର ୫୮୧ଜଣଙ୍କୁ ଚାରୋଟି ଅସ୍ଥାୟୀ ଆଶ୍ରୟସ୍ଥଳୀରେ ରହିବାର ବ୍ୟବସ୍ଥା କରାଯାଇଛି ।

# ସଡକ ସୁରକ୍ଷା ବୈଠକ

ଢେଙ୍କାନାଳ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସଦ୍‌ଭାବନ ଗୃହରେ ସଡକ ସୁରକ୍ଷା କମିଟି ବୈଠକ ଅନୁଷ୍ଠିତ ହୋଇଛି । ବୈଠକରେ ଆଞ୍ଚଳିକ ପରିବହନ

ଅଧିକାରୀ କହିଛନ୍ତି, ଗତ ଚାରିମାସ ମଧ୍ୟରେ ରାଜପଥ ରେ ଦୁର୍ଘଟଣା ଜନିତ ମୃତ୍ୟୁ ସଂଖ୍ୟା ହ୍ରାସ ପାଇଛି । କଟକ-ମଙ୍ଗୁଳିଠାରୁ ଝାରଗୁଡିଆ ପର୍ଯ୍ୟନ୍ତ ଜାତୀୟ ରାଜପଥର ପ୍ରଥମ ପର୍ଯ୍ୟାୟ କାର୍ଯ୍ୟ ଆସନ୍ତା ଡିସେମ୍ବର ସୁଦ୍ଧା ଶେଷ ହେବ ବୋଲି ବୈଠକରୁ ଜଣାପଡିଛି ।

# ଜନଶୁଣାଣି

ରାଉରକେଲା ମହାନଗର ନିଗମ ପକ୍ଷରୁ ଗତକାଲି ଜନଶୁଣାଣି ଅନୁଷ୍ଠିତ ହୋଇଛି । ମହାନଗର ନିଗମ କମିଶନର ଆଶୁତୋଷ କୁଲକର୍ଣ୍ଣି ୩୦ଟି ଅଭିଯୋଗର ଶୁଣାଣି କରିଥିବା ଜଣାପଡିଛି ।

# ବନକ ଲାଗି ବେଶ

ପୁରୀ ଶ୍ରୀମନ୍ଦିରରେ ଆଜି ଶ୍ରାବଣ ମାସ କୃଷ୍ଣପକ୍ଷ ତୃତୀୟା ତିଥିରେ ଶ୍ରୀବିଗ୍ରହମାନଙ୍କର ବନକଲାଗି ନୀତି ଅନୁଷ୍ଠିତ ହେବ। ଦ୍ୱିତୀୟ ଭୋଗ ମଣ୍ଡପ ଭୋଗ ଶେଷ ହେବାପରେ ପ୍ରାୟ ସନ୍ଧ୍ୟା ୬ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

# ପାଣିପାଗ

ରାଜ୍ୟରେ ବର୍ଷା ଲାଗିରହିଛି। ଗତ ୨୪ଘଣ୍ଟା ମଧ୍ୟରେ ଅନୁଗୋଳ ଜିଲ୍ଲାରେ ସର୍ବାଧିକ ୫୭ ମିଲିମିଟର ବର୍ଷା ରେକର୍ଡ କରାଯାଇଛି । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ

ଆସନ୍ତା ୨୪ଘଣ୍ଟା ମଧ୍ୟରେ ବାଲେଶ୍ୱର, ମୟୂରଭଞ୍ଜ, କେନ୍ଦୁଝର, ସୁନ୍ଦରଗଡ ଓ ଭଦ୍ରକ ଜିଲ୍ଲାରେ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ଥିବାରୁ ଏହିସବୁ ଜିଲ୍ଲାରେ ସତର୍କ ସୂଚନା ଜାରି କରାଯାଇଛି l

*********************************